**ସାନ୍ଧ୍ୟ କଲେଜ କର୍ମଚାରୀଙ୍କ ବିୟୋଗ**

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ୪ର୍ଥ ଶ୍ରେଣୀ କର୍ମଚାରୀ ବିଦ୍ୟାଧର ମଲିକଙ୍କ ରବିବାର ରାତିରେ ପରଲୋକ ହୋଇଯାଇଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କର ସ୍ମୃତିରେ କଲେଜ ଅଧ୍ୟକ୍ଷ ଡ. ସମୀର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା କରାଯାଇଥିଲା। ଛାତ୍ରୀଛାତ୍ର ଓ ଅଧାପିକା ଅଧାପକମାନେ ଉପସ୍ଥିତ ରହି ୨ ମିନିଟ ନୀରବ ପ୍ରାର୍ଥନା କରିବା ସହିତ ସ୍ମୃତିଚାରଣ କରିଥିଲେ।



# ଉଦ୍ଭିଦ ହିଁ ଔଷଧର ଶେଷ ଉତ୍ସ




## ଜାତୀୟସ୍ତରୀୟ ଉଦ୍ଭିଦ ବିଜ୍ଞାନୀଙ୍କ ମହାସମାବେଶ

ଢେଙ୍କାନାଳ,୧୮।୧୨(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତର ଉଦ୍ଭିଦ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଉଦ୍ଭିଦ ବିଜ୍ଞାନୀ ସଙ୍ଗଠନର ବାର୍ଷିକ ସମାରୋହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ୨ ଦିନିଆ ଏହି ଜାତୀୟ ସମାରୋହକୁ ଲକ୍ଷ୍ନୌସ୍ଥିତ ଜାତୀୟ ଉଦ୍ଭିଦ ଗବେଷଣା କେନ୍ଦ୍ର ସଂଯୋଜକ ଡ. ଅଜିତ କୁମାର ଶାସାନି ଉଦ୍‌ଘାଟନ କରି ଉଦ୍ଭିଦ ହିଁ ଔଷଧର ଶେଷ ଉତ୍ସ ବୋଲି କହିଥିଲେ। ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ଏବଂ ଓବିଏସ୍ ସଭାପତି ପ୍ରଫେସର ଶାନ୍ତିଲତା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଙ୍ଗଠନ ଆବାହକ ଡ. ଅନିରୁଦ୍ଧ ଖିଲାର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ରାଜ୍ୟ ଔଷଧୀୟ ଉଦ୍ଭିଦ କେନ୍ଦ୍ରର ନିର୍ଦ୍ଦେଶକ ସୁଜିତ ନାୟକ, ଉଚ୍ଚଶିକ୍ଷା ବିଭାଗ ଉପ ନିର୍ଦ୍ଦେଶକ ପ୍ରଫେସର ରଣଜିତ କୁମାର ପ୍ରଧାନ ଯୋଗଦେଇ ଉଦ୍ଭିଦ ବିଜ୍ଞାନ ସମ୍ପର୍କରେ ଆଲୋକପାତ କରିଥିଲେ। ଓବିଏସ୍ ସମ୍ପାଦିକା ଡ. ସୁଜାତା ମହାନ୍ତି ବିବରଣୀ ପାଠ କରିଥିଲେ। ସାଙ୍ଗଠନିକ ସମ୍ପାଦକ ଡ. ଦେବରାଜ ପରିଡା ଧନ୍ୟବାଦ ଦେଇଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଜୟଦେବ ପାଢ଼ୀ, ବିଭାଗୀୟ ମୁଖ୍ୟ ଡ. ଚିତ୍ତରଞ୍ଜନ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କହିଥିଲେ। ଏହି ଅବସରରେ ଡ. ଚିନ୍ମୟ ପ୍ରଧାନ, ଡ. ଦେବବ୍ରତ ପଣ୍ଡା, ପ୍ରଫେସର ସୂର୍ଯ୍ୟେନ୍ଦୁ ଦେ, ଡ. ଅନିରୁଦ୍ଧ ଖିଲାର, ଡ. ମାନସ ରଞ୍ଜନ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନ ଅଧିବେଶନରେ ପ୍ରଫେସର ରାମଚନ୍ଦ୍ର ମହାନ୍ତି, କୁଞ୍ଜ ବିହାରୀ ଶତପଥୀ, ପ୍ରଦୀପ କୁମାର ଚାନ୍ଦ, ଡ. ରବୀନ୍ଦ୍ର କୁମାର ନାୟକ ଓ ଡ. ଆଶୀର୍ବାଦ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ପଶ୍ଚିମବଙ୍ଗ ବିଶ୍ୱଭାରତୀ, ଶାନ୍ତି ନିକେତନର ପ୍ରଫେସର ଚୌଧୁରୀ ହବିବୁର ରହମନ୍, ଏସ୍‌ବିଆଇଆଇ ଲକ୍ଷ୍ନୌର ବରିଷ୍ଠ ବୈଜ୍ଞାନିକ ସୌମିତ କୁମାର ବେହେରା, ଗୌହାଟି ବିଶ୍ୱବିଦ୍ୟାଳୟର ଏଚ୍‌ଆଇଡି ମୁଖ୍ୟ ପ୍ରଫେସର ପାର୍ଥୋ ପ୍ରତିମ ବରୁଆ, ଝାଡ଼ଖଣ୍ଡର ଡ. ପ୍ରସନଜିତ୍ ମୁଖାର୍ଜୀ, ଡ. ଅଭିନଚନ୍ଦ୍ର ହୋମିଓପାଥି ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ଫାର୍ମାସିଟିକାଲ ବିଭାଗ ମୁଖ୍ୟ ଡ. ସାଗର କୁମାର ମିଶ୍ର, ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟିରେ ମୁଖ୍ୟ ବୈଜ୍ଞାନିକ ଡ. ନବୀନ କୁମାର ଧଳ, ବିଏସ୍‌ଆଇ କୋଲକାତାର ବୈଜ୍ଞାନିକ ସୀତାରାମ ପଣ୍ଡା ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଡ. ରବୀନ୍ଦ୍ର କୁମାର ନାୟକ ଗବେଷଣା ସମ୍ବନ୍ଧୀୟ ଜ୍ଞାନ ପ୍ରଦାନ କରିଥିଲେ। ଏନ୍‌ଆଇଟି ରାଉରକେଲା ପ୍ରଫେସର ସୁଜିତ କୁମାର ଭୂତିଆ ଓ ଡ. ବିନୋଦ କୁମାର ସାହୁ ସନ୍ଦର୍ଭ ପାଠ କରିଥିଲେ। ଏହି ଅବସରରେ ପ୍ରିୟମ୍ବଦା ମିଶ୍ର ଓ ଡ. ବିପି ସ୍ମାରକୀ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରରୁ ୫୦୦ରୁ ଊର୍ଦ୍ଧ୍ୱ ବୈଜ୍ଞାନିକ, ଗବେଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ବାର୍ଷିକ ଉତ୍ସବ, ପ୍ରତିଭା ମହୋତ୍ସବ

ଢେଙ୍କାନାଳ,୧୮।୧୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ପରିସରରେ ସୂର୍ଯ୍ୟାଲୋକ ଫାଉଣ୍ଡେଶନ୍‌ର ୫ମ ବାର୍ଷିକୋତ୍ସବ ଓ ପ୍ରତିଭା ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ନଗରପାଳ ଜୟନ୍ତୀ ପାତ୍ର, ମୁଖ୍ୟ ଅତିଥି ଭାବେ ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ସମ୍ପାଦକ ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଅନ୍ତେବାସୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ସାନ୍ଧ୍ୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ମୁଖ୍ୟ ବକ୍ତା ଭାବେ ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ମାଇକ୍ରୋ ମିଡିଆର ନିର୍ଦ୍ଦେଶକ ଅଭୟ କୁମାର ସାହୁ ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଶ୍ରେୟାସ ଶକ୍ତି ସ୍ମିତଙ୍କ ରଚିତ ପୁସ୍ତକ 'କଣ୍ଟ୍ରୋଲ୍'ର ଉନ୍ମୋଚନ ହୋଇଥିଲା। ଅଧ୍ୟକ୍ଷ ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସ୍ମିତା ପ୍ରିୟଦର୍ଶିନୀ ଷଡଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସୁଶାନ୍ତ ପାଣି ଓ ବିଜ୍ଞାନ ମହାନ୍ତି ସଂଯୋଜନା କରିଥିଲେ। ନିର୍ଦ୍ଦେଶିକା ଶୁଭଦର୍ଶିନୀ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ସଫଳ ଚାଷୀ ଶଙ୍କର୍ଷଣ ଜେନା, ଡା. ଦୟାନିଧି ପୃଷ୍ଟି, ସମାଜସେବୀ ଜିତେନ୍ଦ୍ର ସାହୁ ପ୍ରମୁଖଙ୍କୁ ସୂର୍ଯ୍ୟାଲୋକ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉପଦେଷ୍ଟା ଶକ୍ତିପ୍ରସାଦ ହରିଚନ୍ଦନ, ସଞ୍ଜୟ ପଣ୍ଡା, ଶାରଦା ପ୍ରସାଦ ଷଡଙ୍ଗୀ, କେଦାରନାଥ, ସୁଚିତ୍ର ବେହେରା, ସଞ୍ଜୟ କୁମାର ବେହେରା, ପ୍ରେମାନନ୍ଦ ବେହେରା, ଅଙ୍କିତା ପ୍ରିୟଦର୍ଶିନୀ ଦାସ, ବନିତା ମହାପାତ୍ର, ବୈରାଗୀ ଦାସ, ଶ୍ରୀଲେଖା ଜେନା ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଯୋଗିତାର ବିଚାରକ ଭାବେ ଈଶିକା ଶର୍ମା, ନିଳିମା ପଣ୍ଡା ଓ ପ୍ରଭାବତୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।




ସୂର୍ଯ୍ୟାଲୋକ ଫାଉଣ୍ଡେଶନ୍ ପକ୍ଷରୁ ବାର୍ଷିକ ଉତ୍ସବ ଅବସରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।।

# ରାସ୍ତା ଉନ୍ନତୀକରଣ ଭିତ୍ତିପ୍ରସ୍ତର

ଢେଙ୍କାନାଳ,୧୮।୧୨(ରତନ ନାୟାର)

କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀର ସଦର ବ୍ଲକ ଚାଉଳିଆ ହାଇସ୍କୁଲ ଠାରେ ଗଁଦିଆ ବ୍ଲକର କାଲୁରିଆ ପର୍ଯ୍ୟନ୍ତ ବ୍ରାହ୍ମଣୀ ମାଳବନ୍ଧ ରାସ୍ତାର ଉନ୍ନତୀକରଣ ପାଇଁ ସୋମବାର ଭିତିପ୍ରସ୍ଥର ସ୍ଥାପନ କରାଯାଇଛି। ରାଜ୍ୟ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତିପ୍ରସ୍ଥର ସ୍ଥାପନ କରିଥିଲେ। ମୋଟ ୧୭.୨୬୦ କିଲୋମିଟର ଏହି ରାସ୍ତା ପାଇଁ ୩୨କୋଟି ୭୨ଲକ୍ଷ ଟଙ୍କା ବ୍ୟୟ କରାଯିବ ବୋଲି ଉପସ୍ଥିତ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ ସୂଚନା ଦେଇଛନ୍ତି। ଏହି ମାଳବନ୍ଧ ଦୁର୍ବଳ ହୋଇ ପଡିଥିବାରୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁଦାନ ପ୍ରଦାନ କରିଥିବାରୁ ମନ୍ତ୍ରୀ ଏବଂ ଅଞ୍ଚଳବାସୀ କୃତଜ୍ଞତା ଜଣାଇଥିଲେ। ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରଦୀପ କୁମାର ଚୌଧୁରୀ, କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ପରିଡା, ଚାଉଳିଆ ସରପଞ୍ଚ ବାବୁଲି ରାଉତ, ବଣସିଂହ ସରପଞ୍ଚ ପ୍ରମିଳା ବେହେରା, ରାଧାଦେଇପୁର ସରପଞ୍ଚ ଚୁନି ବାରିକ, ସମିତି ସଭ୍ୟ ଗଙ୍ଗାଧର ସେଠୀ, ସଦର ବ୍ଲକ ଉପାଧ୍ୟକ୍ଷ କାଳନ୍ଦୀ ବାରିକ, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ରଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।



ଚାଉଳିଆ-କାଲୁରିଆ ମାଳବନ୍ଧ ରାସ୍ତା ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ।

# ଅନୁଗୋଳକୁ ହରାଇ ତାଳଚେର ଚାମ୍ପିୟନ



ଢେଙ୍କାନାଳ,୧୮।୧୨(ରତନ ନାୟାର)

ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମଠାରେ ଚାଲିଥିବା ଭାରତୀୟ ଜୀବନବୀମା କଟକ ମଣ୍ଡଳର ଆନ୍ତଃଶାଖା କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଶାଖା ମୁଖ୍ୟ ପ୍ରବନ୍ଧକ ପି. ସୁଜିତ କୁମାର ଓ ସମ୍ମାନିତ ଅତିଥି ଭାବେ ଏଲ୍‌ଆଇସି କଟକ ମଣ୍ଡଳ କାଉନସିଲ ସଦସ୍ୟ ସୁଧାଂଶୁ ମିଶ୍ର, କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଅନୁଗୋଳ ଏଲଆଇସି ଶାଖା ପ୍ରବନ୍ଧକ ସୁଶାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ତାଳଚେର ଶାଖା ୬୦ ରନରେ ଅନୁଗୋଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ତାଳଚେର ଶାଖାର ଅମିତ ମେହେର ମ୍ୟାନ୍ ଅଫ୍ ଦି ମ୍ୟାଚ, ସଚିନ ଦାସ ବେଷ୍ଟ ବୋଲର ଏବଂ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ସୁଶାନ୍ତ ନାୟକ, ଢେଙ୍କାନାଳ ଶାଖାର ସଚିନ୍ ବେଷ୍ଟ ବ୍ୟାଟ୍ସମ୍ୟାନ ହୋଇଥିଲେ। ଉଦ୍‌ଯାପନୀ ଦିବସରେ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। ଘୋଷକ ଭାବେ ବ୍ରଜମୋହନ ସାହୁ ଓ ମିହିର କୁମାର ଶତପଥୀ ରହିଥିଲେ। ପ୍ରଶାସନ ପ୍ରବନ୍ଧକ ପରେଶ୍ୱର ଜେନା ଧନ୍ୟବାଦ ଦେଇଥିଲେ। ଢେଙ୍କାନାଳ ଶାଖାର ସମସ୍ତ କର୍ମଚାରୀ ଓ ଅଭିକର୍ତ୍ତା ସହଯୋଗ କରିଥିବା ପ୍ରଶାସନିକ ଅଧିକାରୀ ନିରଞ୍ଜନ ରାୟ ଜଣାଇଛନ୍ତି।

# ଚିକିତ୍ସା, ମହଙ୍ଗା ଭତ୍ତା ଦାବି

ଢେଙ୍କାନାଳ,୧୮।୧୨(ରତନ ନାୟାର)

ରାଜ୍ୟ ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ଉନ୍ନୟନ ସଂଘ ଢେଙ୍କାନାଳ ଶାଖାର ବାର୍ଷିକ ସାଧାରଣ ସଭା କର୍ମଚାରୀ ସଂଘ ଗୃହରେ ପଙ୍କଜ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଚିକିତ୍ସା ଭତ୍ତା ଦୀର୍ଘଦିନ ହେଲା ସରକାରଙ୍କ ନିକଟରେ ବିଚାରାଧୀନ ହୋଇ ରହିଥିଲେ ମଧ୍ୟ ଅଦ୍ୟାବଧି କୌଣସି ସମାଧାନ ହୋଇପାରିଲା ନାହିଁ। ବିଗତ କରୋନା ସମୟର ୧୮ ମାସର ବକେୟା ମହଙ୍ଗା ଭତ୍ତା ମଧ୍ୟ ମିଳିପାରିଲା ନାହିଁ। ସରକାରଙ୍କ ନିକଟରେ ପୁନର୍ବାର ଦାବି ଉପସ୍ଥାପନ ପାଇଁ କେନ୍ଦ୍ରୀୟ କର୍ମଚାରୀଙ୍କୁ ଅନୁରୋଧ କରାଯାଇଥିଲା। ସଭାରେ ସୂର୍ଯ୍ୟନାରାୟଣ ମିଶ୍ର, ପ୍ରାଣବନ୍ଧୁ ମହାନ୍ତି, ସନ୍ତୋଷ କୁମାର ସାହୁ, ବାଙ୍କନିଧି ମହାପାତ୍ର, ବ୍ରଜବନ୍ଧୁ ଚିନରା, ହରେକୃଷ୍ଣ ସାହୁ ପ୍ରମୁଖଙ୍କ ସହିତ ୩୦ରୁ ଊର୍ଦ୍ଧ୍ୱ ସଭ୍ୟ ଉପସ୍ଥିତ ଥିଲେ। ଲକ୍ଷ୍ମଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




ଅସବରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ସଂଘର ବୈଠକ।

# ପ୍ରତିଭା ଦେଖାଇଲେ, ପୁରସ୍କାର ନେଲେ

କାମାକ୍ଷାନଗର,୧୮।୧୨ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ସହର 'ଦି ମଦର୍ସ ପ୍ଲେ ସ୍କୁଲ'ର ପ୍ରଥମ ବାର୍ଷିକ ଉତ୍ସବ କିଡ୍‌ଜୋ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନଗରପାଳ ଧର୍ମାନନ୍ଦ ପରିଡା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଅନ୍ୟତମ ଅତିଥି କାମାକ୍ଷାନଗର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅରବିନ୍ଦକାନ୍ତ ରାୟ, ସୁସନ୍ଧ୍ୟା ମହାନ୍ତି, ମଧୁସୂଦନ ଷେଣ୍ଡ ଯୋଗ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ପଟ୍ଟନାୟକ ପରିଚାଳନା କରିଥିଲେ। ଶାନ୍ତିସ୍ୱରୂପ ପଟ୍ଟନାୟକ ସଂଯୋଜନା କରିଥିଲେ। ବିଦ୍ୟାଳୟର କୁନି କୁନି ପିଲାମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ କରିଥିଲେ। ଶେଷରେ ଅଭିନେତା ଅଶ୍ୱିନୀ ଓ ଅଭିନେତ୍ରୀ ପ୍ରେରଣା ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।



ଅତିଥିମାନେ କୁନି ପ୍ରତିଭାଧାରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

# ସେଣ୍ଟ ଜାଭିୟର୍ସ ଚମ୍ପିୟାନ, ବ୍ରାହ୍ମଣୀ ପବ୍ଲିକ ସ୍କୁଲ ରନର୍ସଅପ୍

## ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଟାଏକୋଣ୍ଡୋ ପ୍ରତିଯୋଗିତା

ଢେଙ୍କାନାଳ,୧୮।୧୨(ରତନ ନାୟାର)

ଢେଙ୍କାନାଳ ସହର ବନମାଳୀ ପ୍ରସାଦସ୍ଥିତ ସତ୍ୟମ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଟାଏକୋଣ୍ଡୋ ପ୍ରତିଯୋଗିତା ଶିକ୍ଷା ବିଭାଗ, ସତ୍ୟମ ଇଣ୍ଟରନ୍ୟାଶନାଲ ସ୍କୁଲ ଓ ଆମେଚର ଟାଏକୋଣ୍ଡୋ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ମନୋରଞ୍ଜନ ମଲ୍ଲିକ, ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ, ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରକାଶଚନ୍ଦ୍ର ବେହେରା, ସ୍କୁଲର ନିର୍ଦ୍ଦେଶକ ବୀରେନ୍ଦ୍ର କୁମାର ସାହୁ ଓ ଟାଏକୋଣ୍ଡୋ ଆସୋସିଏଶନ ସମ୍ପାଦକ ସୌମ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନ୍ ଉତ୍ସବରେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ଆମେଚର ଟାଏକୋଣ୍ଡୋ ଆସୋସିଏସନ ସମ୍ପାଦକ ସୌମ୍ୟବ୍ରତ ସାହୁ, କ୍ରୀଡ଼ା ଶିକ୍ଷକ କୁମାର ସନ୍ତୋଷ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରତିଯୋଗିତାରେ ଜିଲାର ୨୫ଟି ବିଦ୍ୟାଳୟର ୨୭୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଚାମ୍ପିୟନ ହୋଇଥିବା ବେଳେ ବ୍ରାହ୍ମଣୀ ପବ୍ଲିକ ସ୍କୁଲକୁ ରନର୍ସ ଅପ ଟ୍ରଫି ପ୍ରଦାନ କରାଯାଇଥିଲା। ପୀତାମ୍ବର ନାହାକ, ଡାର୍ଲିଂନ ଡାଲଟନ, ହରପ୍ରିୟା ବେହେରା, ଇନ୍ଦ୍ରଜିତ ସାହୁ, ସୋହମ ସାହୁ, ଆଦିତ୍ୟ ଘୋଷ ପ୍ରମୁଖ ପରିଚାଳନା କରିଥିଲେ। ସ୍କୁଲ ଅଧ୍ୟକ୍ଷ କ୍ଷୀତିଶ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ କ୍ରୀଡ଼ା ଶିକ୍ଷକ ସନ୍ତୋଷ କୁମାର ପରିଡ଼ା, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ, ଗୁରୁଦେବଜୀ ଗୁରୁକୁଳର କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ।




ପ୍ରତିଯୋଗିତାର ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

# ଡିପିଏସ୍ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଢେଙ୍କାନାଳ,୧୮।୧୨(ରତନ ନାୟାର)

ଢେଙ୍କାନାଳସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍)ରେ ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜା ବ୍ରିଗେଡିୟର କାମାକ୍ଷା ପ୍ରସାଦ ସିଂହଦେଓ, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲାପାଳ ମନୋରଞ୍ଜନ ମଲ୍ଲିକ, ରାଣୀ ସାବିତ୍ରୀ ଦେବୀ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ସିନର୍ଜୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟର ଚେୟାରମ୍ୟାନ ବିନୋଦ ଦାଶ, ଟ୍ରଷ୍ଟି ଅନିତା ପାଢ଼ୀ, ଡିପିଏସ୍ ନିର୍ଦ୍ଦେଶକ ଡ. ଲଗ୍ନଜିତ ଦାସ ଓ ପ୍ରିନ୍ସିପାଲ ବିଜୟ କୁମାର ସାହୁ ଉପସ୍ଥିତ ରହି କୃତୀ ପ୍ରତିଯୋଗୀ ଓ ଅଭିଭାବକଙ୍କୁ ପୁରସ୍କୃତ କରିଥିଲେ। ଢେଙ୍କାନାଳ ଲକ୍ଷ୍ମୀପୂଜାର ବିଭିନ୍ନ ପୂଜା ପ୍ରତିଷ୍ଠାନ କର୍ମକର୍ତ୍ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ୧୦ମ ଓ ଦ୍ୱାଦଶ ପରୀକ୍ଷାର କୃତୀ ଛାତ୍ରୀଛାତ୍ର ଓ ନିଟ୍ ଏବଂ ଜେଇଇରେ ସଫଳ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ୪ଟି ହାଉସ ମଧ୍ୟରୁ କଲାମ ହାଉସ୍ ଶ୍ରେଷ୍ଠ ଓ ବୋଷ ହାଉସ ଦ୍ୱିତୀୟ ହୋଇ ପୁରସ୍କୃତ ହୋଇଥିଲେ।




# ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ବଢୁଥିବାରୁ ଉଦ୍‌ବେଗ

ଢେଙ୍କାନାଳ,୧୮।୧୨(ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ସୋମବାର ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋରଞ୍ଜନ ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲାରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ବଢୁଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ବିଶେଷକରି ସଦର ଥାନା ଓ ଟାଉନ ଥାନା ଅଞ୍ଚଳରେ ଅଧିକ ଦୁର୍ଘଟଣା ଘଟୁଥିବା ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଇଥିଲେ। ସହରରେ ଅଧିକାଂଶ ବ୍ୟବସାୟୀ ରାସ୍ତା ଅବରୋଧ କରି ବ୍ୟବସାୟ କରୁଥିବାରୁ ଟ୍ରାଫିକ ସମସ୍ୟା ବଢୁଥିବା ଜିଲାପାଳ କହିଥିଲେ। ତେଣୁ ରାସ୍ତା ଅବରୋଧକୁ ଉଚ୍ଛେଦ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସେହିପରି ଦୁଇଚକିଆ ଯାନ ଆରୋହୀମାନେ ହେଲମେଟ୍ ବ୍ୟବହାର କରିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଶିକ୍ଷାନୁଷ୍ଠାନ ସମ୍ମୁଖରେ ସୁରକ୍ଷା ଦୃଷ୍ଟିରୁ ସ୍ପିଡ୍ ବ୍ରେକର ଓ ସାଇନେଜ୍ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ମାଣାଧୀନ ଜାତୀୟ ରାଜପଥରେ ଥିବା ଖାଲଖମା ମରାମତି କରିବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଥିଲା। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର କହିଥିଲେ, ୨୦୨୩ ଜାନୁୟାରୀରୁ ନଭେମ୍ବର ମଧ୍ୟରେ ୩୭୧ ଦୁର୍ଘଟଣା ଘଟି ୩୭୮ ଆହତ, ୧୭୦ଜଣଙ୍କ ମୃତ୍ୟୁ ହୋଇଛି। ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ ବୈଠକରେ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ମୋଟରଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁ, ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ସମେତ କମିଟିର ସଦସ୍ୟ ଓ ବସ ମାଲିକ ସଂଘର ସଭାପତି ଓ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ଦଳର ଆଭିମୁଖ୍ୟକୁ ତୃଣମୂଳସ୍ତରରେ ପହଞ୍ଚାଅ

ଢେଙ୍କାନାଳ,୧୮।୧୨(ରତନ ନାୟାର)

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି କର୍ମୀମାନଙ୍କୁ ନେଇ ସହରସ୍ଥିତ ଶ୍ରୀରାମ ମଣ୍ଡପଠାରେ ଚାଲିଥିବା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ବିଧାୟକ ସୁଧୀର କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମାଷ୍ଟର ଟ୍ରେନର ଭାବରେ ସହ ପର୍ଯ୍ୟବେକ୍ଷକ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ବିଜେଡି ମୁଖପାତ୍ର ସଞ୍ଜୟ ବାବୁ, ପ୍ରଶିକ୍ଷକ ଅଭିଷେକ ଜଗତ ପ୍ରମୁଖ ଯୋଗଦେଇ ସମସ୍ତ ଉନ୍ନତିମୂଳକ ଯୋଜନାର ପ୍ରଚାର ପ୍ରସାର କରିବା, ବିଜେଡିର ଆଭିମୁଖ୍ୟକୁ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ କର୍ମୀମାନଙ୍କୁ କହିଥିଲେ। ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ରାଜ୍ୟ ମହିଳା ବିଜେଡି ଉପସଭାପତି ସାଇଶ୍ରୀ ପଟ୍ଟନାୟକ, ରାଜ୍ୟ ବିଜେଡି ସମ୍ପାଦକ ହର୍ଷବର୍ଦ୍ଧନ ସିଂହଦେଓ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦେବୀ ପ୍ରସାଦ ଭୂତିଆ, ରାଜ୍ୟ ବିଜେଡି କାଉନସିଲ ସଦସ୍ୟ ନରୋତ୍ତମ ସାହୁ, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଶଶିକାନ୍ତ ମିଶ୍ର, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ଗଁଦିଆ ବ୍ଲକ ଅଧ୍ୟକ୍ଷା ରିନାରାଣୀ ଖଟୁଆ, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକ, ସଦର ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ନାୟକ, ଜିଲା ପରିଷଦ ସଦସ୍ୟା ଝରସ୍ମୀତା ଦେହୁରୀ, ଢେଙ୍କାନାଳ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ସୁରେନ୍ଦ୍ର ହେମ୍ବ୍ରମ, ଜିଲା ବିଜେଡି ଆଇନସେଲ ସଭାପତି ଗୋପାଳଚନ୍ଦ୍ର ପାତ୍ର, ଜିଲା ସଂଖ୍ୟାଲଘୁ ସଭାପତି ଆଶ୍ରଫ୍ ଅଲ୍ଲୀ, ନିରାକାର ରାଉତ, ଅଜୟ ଭଞ୍ଜ, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ସୁଧାଂଶୁ ଦଳେଇ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଅଭିମନ୍ୟୁ ପଣ୍ଡା, ଶ୍ରୀକାନ୍ତ ଧଳ, ଗଙ୍ଗାଧର ରାଉତଙ୍କ ସମେତ ବହୁ ନେତୃବୃନ୍ଦ ଓ କର୍ମୀମାନେ ଯୋଗ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର ଶିବିରକୁ ପରିଚାଳନା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ।



ବିଜେଡି ପ୍ରଶିକ୍ଷଣ ଶିବିର ଉଦ୍‌ଯାପନ ଅବସରରେ ଢେଙ୍କାନାଳ ବିଧାୟକଙ୍କ ସମେତ ଅନ୍ୟ ନେତୃବୃନ୍ଦ।

## ଯୁବକଙ୍କ ମୁଣ୍ଡ ଉପରେ ଚଢ଼ିଗଲା ଗାଡ଼ି

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ସହରସ୍ଥିତ କଲେଜ ବାଇପାସ ନିକଟ ୫୫ନଂ. ଜାତୀୟ ରାଜପଥରେ ସୋମବାର ରାତି ୮ଟା ୧୫ରେ ଏକ ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ପକେଟରୁ ବାହାରିଥିବା ରେଜିଷ୍ଟ୍ରେଶନ କାର୍ଡରେ ସୁରେଶ କାଣ୍ଡି, ଆଠଗଡ଼ ବୋଲି ଲେଖାଯାଇଛି। ଖବରପାଇ ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଯୁବକଙ୍କ ମୁଣ୍ଡରେ ଗାଡିଟି ଚଢ଼ି ଯାଇଥିବା ଅନୁମାନ କରାଯାଉଛି।

# ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଭୁବନ,୧୮।୧୨(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜରେ ଚାଲିଥିବା ନୂଆ ଓଡ଼ିଶା କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଦୌଡ଼, ଲମ୍ବଡିଆଁ, ଉଚ୍ଚ ଡିଆଁ, ଜାଭେଲିନ, ସଟ୍‌ପୁଟ ଓ ଡିସ୍କସ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଅଜିତ କୁମାର ବେହେରା ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଯୁକ୍ତ ୩ର ନୋଡାଲ ଅଫିସର ପ୍ରଭାତ ଜେନା, ଉଚ୍ଚ ମାଧ୍ୟମିକ ଦାୟିତ୍ୱରେ ଥିବା ନୋଡାଲ ଅଫିସର ଅଲେଖ ଚନ୍ଦ୍ର ପାତ୍ର, କଲେଜର ବରିଷ୍ଠ କିରାଣି କୈଳାସ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ। ଅଧ୍ୟାପିକା ସଂଘମିତ୍ରା ମିଶ୍ର, ଦୀପାରାଣି ସାମଲ, ଧାନୀ ମୁର୍ମୁ, ଅଧ୍ୟାପକ କରୁଣାକର ରାଉଳ, ହେମନ୍ତ ରାଉତ, ସୁକାନ୍ତ ସାହୁ, ଆଲୋକ ରଞ୍ଜନ ଷଡଙ୍ଗୀ, ନିରଞ୍ଜନ ରାଉତ, ଦୁର୍ଯ୍ୟୋଧନ ଜେନା, ବରିଷ୍ଠ ଗାନ୍ଥାଗରିକ ନନ୍ଦକିଶୋର ଧୀର ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

# ଶିଶୁ, ଯୁବ ପ୍ରତିଭାଙ୍କୁ ଉପଯୁକ୍ତ ତାଲିମ ଦିଆଯାଉ



**ଅନୁଗୋଳ,୧୮।୧୨(ଅମିତ କୁମାର ସାମଲ)**

ଅନୁଗୋଳସ୍ଥିତ ସଭାଘରେ ଚାଲିଥିବା ସାତକୋଶିଆ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିକାଶ ଫାଉଣ୍ଡେଶନ ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ ଯୋଗ ଦେଇ ନୃତ୍ୟ ସଙ୍ଗୀତରେ ରୁଚି ରଖିଥିବା ପ୍ରତ୍ୟେକ ଶିଶୁ ଓ ଯୁବ ପ୍ରତିଭାଙ୍କୁ ଉପଯୁକ୍ତ ତାଲିମ ଦିଆଗଲେ ସେମାନେ ଦକ୍ଷ କଳାକାର ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ ଓ ଭାଜପା ରାଜ୍ୟ କାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଅନୁଗୋଳ ଜିଲାରେ ନୃତ୍ୟ କଳାର ବିକାଶରେ ନୃତ୍ୟନିଳୟର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଗୁରୁ ଅନିତା ସିଂହଦେଓ ଓ ଅନୁଷ୍ଠାନ ଉପଦେଷ୍ଟା ହେମନ୍ତ ଦାଶ ନୃତ୍ୟନିଳୟ ଅନୁଷ୍ଠାନର କ୍ରମବିକାଶ ବର୍ଣ୍ଣନା କରିଥିଲେ। ସମାରୋହରେ ଚେନ୍ନାଇର ବିଶିଷ୍ଟ କୁଚିପୁଡ଼ି ନୃତ୍ୟାଙ୍ଗନା ଏନ. ଶୈଳଜାଙ୍କୁ ସାତକୋଶିଆ ସମ୍ମାନ ଏବଂ ଓଡ଼ିଶୀ ନୃତ୍ୟାଙ୍ଗନା ସସ୍ମିତା ପଣ୍ଡାଙ୍କୁ ସାତକୋଶିଆ ଯୁବା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ନୃତ୍ୟନିଳୟ ସମ୍ପାଦିକା ସ୍ୱପ୍ନାରାଣୀ ସିହ୍ନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମାରୋହରେ ଏନ୍ ଶୈଳଜାଙ୍କ କୁଚିପୁଡ଼ି, ସସ୍ମିତା ପଣ୍ଡାଙ୍କ ଓଡ଼ିଶୀ, ଭୁବନେଶ୍ୱର ଲଳିତକଳାପୀଠ ପକ୍ଷରୁ ଦଳଗତ ଓଡ଼ିଶୀ ଏବଂ ନୃତ୍ୟନିଳୟ ପକ୍ଷରୁ ଓଡ଼ିଶୀ ବାଲେ ଏବଂ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଯଜ୍ଞ ରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଅ

**ପାଲଲହଡା,୧୮।୧୨(ଦିବ୍ୟଜ୍ୟୋତି ଦାଶ)**

ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ସୋମବାର ପାଲଲହଡା ବ୍ଲକ ଗସ୍ତରେ ଆସି ବିଭିନ୍ନ ବିଦ୍ୟାଳୟ ବୁଲିବା ସହ ଅଭିଭାବକ ଏବଂ ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନା କରିଛନ୍ତି। ବିଦ୍ୟାଳୟରେ ଥିବା ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ପ୍ରଥମେ ସେ ସଇଡା ପଞ୍ଚାୟତର କନ୍ତଲା ଗ୍ରାମକୁ ଯାଇ ଅଙ୍ଗନୱାଡି ସେଣ୍ଟର ପରିଦର୍ଶନ କରିଥିଲେ। ସେଠାରେ ଶିକ୍ଷକ ନ ଥିବାରୁ ପାଚିକା କେନ୍ଦ୍ର ସମ୍ଭାଳୁଥିବା ଜାଣି କ୍ଷୋଭ ପ୍ରକାଶ କରିଥିଲେ। ପରେ ମାଲ୍ୟଗିରି ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯାଇ ମାଧାହ୍ନ ଭୋଜନର ମାନ ପରଖି ଥିଲେ। ଏହାପରେ ବାଡିସୁଆଁ ଗ୍ରାମରେ ଥିବା ଏସ୍‌ଏସ୍‌ଡି ବିଦ୍ୟାଳୟକୁ ଯାଇ ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଶେଷରେ ନଗିରା, ସିବିଡା ଗ୍ରାମରେ ଥିବା କନ୍ୟାଶ୍ରମ ଏବଂ ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖିଥିଲେ। ଏହାପରେ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଏକ ଖବରଦାତା ସମ୍ମିଳନୀ କରି ଖାଦ୍ୟ କମିଶନ ସାହୁ ଗସ୍ତ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ ବିଡିଓ ଦିଲୀପ କୁମାର ବାରା, ଯୋଗାଣ ଅଧିକାରୀ ସୁପ୍ରଭା ବେହେରା ଏବଂ ପିବିଡିଏ ସ୍ୱତନ୍ତ୍ର ଅଧିକାରୀ ପ୍ରଦୀପ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ।

# ୧୦ ଦିନ ଧରି ଚାଲିବ ପ୍ରତିଯୋଗିତା




**କଣିହାଁ,୧୮।୧୨(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ କୁଲୁମା ଜଗମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ ପାଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦିଗମ୍ବର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ବକ୍ତା ଭାବେ ରେଙ୍ଗାଳି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ବିଷ୍ଣୁଚରଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅନୁଗୋଳ ଜିଲା ପରିଷଦ ଉପସଭାପତି ରଶ୍ମିତା ସେଠୀ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, କୁଲୁମା ସରପଞ୍ଚ ଦୀପିରାଣୀ ବେହେରା, ନୋଡାଲ ଅଫିସର ଭଗବାନ ସାହୁ, ଅଧ୍ୟାପକ ବସନ୍ତ ପାଣି, ଇନ୍ଦ୍ରମଣି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ନିରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ। ୧୦ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ କଲେଜର ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡା, ସାଂସ୍କୃତିକ ଓ ସାମାଜିକ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଅଧ୍ୟକ୍ଷ ପ୍ରକାଶ କରିଥିଲେ। କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଆଜିଠାରୁ ଖୋଲିବ 'ବ୍ଲାକ ଡାଇମଣ୍ଡ'

**ଅନୁଗୋଳ,୧୮।୧୨ (ଅମିତ କୁମାର ସାମଲ)**

ବିଶ୍ୱସ୍ତରୀୟ ଅତ୍ୟାଧୁନିକ ପାଠାଗାର ଓ ସଂଗ୍ରହାଳୟ ବ୍ଲାକ ଡାଇମଣ୍ଡ ମଙ୍ଗଳବାର ଠାରୁ ସର୍ବସାଧାରଣଙ୍କ ପାଇଁ ଖୋଲାଯିବ। ଦୈନିକ ୧୦୦ ଲୋକ ସକାଳ ୯ ଘଟିକାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଏଠାକୁ ଯାଇ ବିଶ୍ୱସ୍ତରୀୟ ଲାଇବ୍ରେରିର ସୁବିଧା ନେଇପାରିବେ। ସରକାରୀ ଛୁଟି ଦିନଗୁଡିକରେ ଏହା ବନ୍ଦ ରହିବ। ସାଧାରଣ ପ୍ରବେଶ ଟିକେଟ ମୂଲ୍ୟ ୧୦ ଟଙ୍କା ରହିଥିବା ବେଳେ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଉପଲବ୍ଧ ପାଇଁ ସ୍ୱତନ୍ତ୍ର ଫି ସ୍ଥିର କରାଯାଇଛି। ୭ ବର୍ଷ ବୟସରୁ କମ ଶିଶୁମାନଙ୍କୁ ସମ୍ପୂର୍ଣ୍ଣ ମାଗଣା ପ୍ରବେଶ ବ୍ୟବସ୍ଥା ରହିଛି। ଆବଶ୍ୟକ ଭିତ୍ତିଭୂମି ସୁଦୃଢ ହେବା ପରେ ଅତିଶୀଘ୍ର ସର୍ବସାଧାରଣଙ୍କ ଦୈନିକ ପ୍ରବେଶ ସଂଖ୍ୟା ବଢିବାର ଯୋଜନା ରହିଛି ବୋଲି ଜିଲା କାର୍ଯ୍ୟାଳୟର ନିଜାରତ ଉପବିଭାଗ ତରଫରୁ ଜଣାଇ ଦିଆଯାଇଛି।

# ଆଇନଜୀବୀଙ୍କ ପରଲୋକ

**କାମାକ୍ଷାନଗର, ୧୮।୧୨(ଅମଜାଦ ଖାନ)**



କାମାକ୍ଷାନଗର ଓକିଲ ସଂଘର ପ୍ରତିଷ୍ଠାତା ସଭ୍ୟ ତଥା ବରିଷ୍ଠ ଆଇନଜୀବୀ ହରମୋହନ ବିଶ୍ୱାଳଙ୍କ ରବିବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ଖବରପାଇ ଓକିଲ ସଂଘ ସଭାପତି ଧର୍ମାନନ୍ଦ ମଲ୍ଲିକ, ସମ୍ପାଦକ ସୂର୍ଯ୍ୟକାନ୍ତ ବିଶ୍ୱାଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମରଶରୀରକୁ ପୁରୁଣା ଓକିଲ ସଂଘ କାର୍ଯ୍ୟାଳୟକୁ ଅଣାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ବରିଷ୍ଠ ଓକିଲ ଶରତ ବିଶ୍ୱାଳ, ଦେବୀଦତ୍ତ ସାମଲ, ଜଗଦାନନ୍ଦ ମହାଖୁଡ, ବିମଳ ବିଶ୍ୱାଳ, ଅମିୟ ପଟ୍ଟନାୟକ, ଶରତ ସ୍ୱାଇଁ, ସୂର୍ଯ୍ୟନାରାୟଣ ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୂର୍ବାହ୍ନରେ ଓକିଲ ସଂଘ ସଭାଗୃହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ସମ୍ପାଦକ ସୂର୍ଯ୍ୟକାନ୍ତ ବିଶ୍ୱାଳଙ୍କ ଆହ୍ୱାନରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ପୂର୍ଣ୍ଣାହୁତି

**ଆଠମଲ୍ଲିକ,୧୮।୧୨(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକସ୍ଥିତ ମା' ମହେଶ୍ୱରୀ ମନ୍ଦିର ପରିସରରେ ଚାଲିଥିବା ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର କଥାମୃତ ସମାପନ ହୋଇଛି। ଶ୍ରୀମଦ ଭାଗବତ ପାରାୟଣ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରବଚକ ଭାବେ ବାବା ଅଚ୍ୟୁତାନନ୍ଦ ଦାସ ମହାରାଜ ଯୋଗଦେଇଥିଲେ। ବ୍ୟାସ ଭାବରେ ଲୋକନାଥ ପଣ୍ଡା, କର୍ତ୍ତା ଭାବେ ପ୍ରକାଶ ମିଶ୍ର ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ଭାବରେ ପଣ୍ଡିତ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, ଚିତ୍ତ ରଞ୍ଜନ ପାଣିଗ୍ରାହୀ, ରାଧାମୋହନ ତ୍ରିପାଠୀ, ବିଶ୍ୱଜିତ ପୁରୋହିତ ଯୋଗ ଦେଇଥିଲେ। ପରାୟଣ ସମିତି ସଭାପତି ସୁରେଶ ଚନ୍ଦ୍ର ଦାସ, ସମ୍ପାଦକ ମନୋଜ କର୍ମୀ, ବରିଷ୍ଠ ସଭ୍ୟ ରଘୁନାଥ ପୁରୋହିତ, ଦୁଃଖବନ୍ଧୁ ସାହୁ, ସତ୍ୟାନନ୍ଦ ସାହୁ, ଭବାନୀ ମିଶ୍ର, ସୁବୋଧ ମହାକୁଡ଼, କୈଳାସ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ନୂତନ ଆଇଆଇସିଙ୍କ ଦାୟିତ୍ୱ ଗ୍ରହଣ

**ବଇଣ୍ଡା,୧୮।୧୨(ପରିକ୍ଷିତ ସାହୁ)**



ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନାରେ ନୂତନ ଆଇଆଇସି ଭାବେ ନଟବର ନନ୍ଦ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଏଠାରେ ଥିବା ଆଇଆଇସି ନିର୍ମଳା ଗୋଛାୟତଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଠାକୁରଗଡ଼ ଅଞ୍ଚଳରେ କିଭଳି ଲୋକମାନେ ଠିକ୍ ଭାବେ ସେବା ପାଇବେ ଓ ପୋଲିସ କିଭଳି ପ୍ରିୟଭାଜନ ହୋଇପାରିବ ସେଥିପ୍ରତି ଅଧିକ ଗୁରୁତ୍ୱ ଦେବି ବୋଲି କହିଛନ୍ତି।

# ବିଭିନ୍ନ ସମସ୍ୟା ନେଇ ଆଲୋଚନା

**ବଇଣ୍ଡା,୧୮।୧୨(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମବାସୀଙ୍କ ଏକ ବୈଠକ ରବିବାର ଶିବମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସଭାପତି ରାଜ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପସଭାପତି ଅରବିନ୍ଦ ସାହୁ, ସମ୍ପାଦକ ଲକ୍ଷ୍ମୀଧର ବେହେରା, ସହ ସମ୍ପାଦକ ପରିକ୍ଷିତ ସାହୁ, କୋଷାଧ୍ୟକ୍ଷ ବିନୀତ ସାହା, ରମେଶ ଚନ୍ଦ୍ର ଟିବ୍ରୁୱାଲା, ରମେଶ ସାହୁ, ରାଜେନ୍ଦ୍ର ରାଉତ, ମାନସ ସାହୁ, ରବୀନ୍ଦ୍ର ସାହୁ, ଶୁଭେନ୍ଦୁ ସାହୁ, ଅନ୍ତର୍ଯ୍ୟାମୀ ବେହେରା, ବିଜୟ ସାହୁଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ଏଥିରେ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଧାକୃଷ୍ଣ ମନ୍ଦିର ନିର୍ମାଣ ସମ୍ପର୍କରେ ଆଲୋଚନା କରାଯିବା ସହ ଶିବ ମନ୍ଦିରର ପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ବଇଣ୍ଡା ରେଳ ଷ୍ଟେଶନ ଦେଇ କରୋନା ପୂର୍ବରୁ ଯାଉଥିବା ସମସ୍ତ ଏକ୍ସପ୍ରେସ ଟ୍ରେନ ଗୁଡିକ ବଇଣ୍ଡାରେ ରହୁ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଖୁବ୍‌ଶୀଘ୍ର ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏ ନେଇ ୩ ମାସ ପୂର୍ବରୁ ରେଳ ମନ୍ତ୍ରାଳୟକୁ ଅବଗତ କରାଯିବ ବୋଲି ଆଲୋଚନା କରାଯାଇଛି।



# କଙ୍କଡ଼ାହାଡ଼ରେ ପ୍ଲାଷ୍ଟିକମୁକ୍ତ ଅଭିଯାନ




**କାମାକ୍ଷାନଗର,୧୮।୧୨(ଅମଜାଦ ଖାନ)**

ପରିବେଶକୁ ସୁସ୍ଥ ରଖିବା ଏବଂ ପ୍ଲାଷ୍ଟିକକୁ ନା କରିବା, ଆଜି ଆମେ ସଂକଳ୍ପ ନେବା ପ୍ଲାଷ୍ଟିକକୁ ଆମ ଠାରୁ ଦୂର କରିବା ଭଳି ପ୍ରଦୂଷଣ ମୁକ୍ତ ପରିବେଶ ଏବଂ ପ୍ଲାଷ୍ଟିକ ବର୍ଜନ ଭଳି ସ୍ଲୋଗାନ ଦେଇ କଙ୍କଡ଼ାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଏକ ସଚେତନ ରାଲି ବାହାରିଥିଲା । ନୂଆ ଓଡିଶା ଯୁବ ଓଡିଶା ନବୀନ ଓଡିଶା ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମରେ ଏହି ସଚେତନତା ରାଲିରେ ଛାତ୍ରୀଛାତ୍ରମାନେ କଙ୍କଡ଼ାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ବାହାରି ଗାନ୍ଧୀ ଛକ ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଅଧ୍ୟକ୍ଷ ପ୍ରସନ୍ନ କୁମାର ସାହୁଙ୍କ ଆୟୋଜନରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ତହସିଲଦାର ସୌଦାମିନୀ ନାୟକ, ଅତିରିକ୍ତ ତହସିଲଦାର ପ୍ରଶାନ୍ତ ସିଂ ଯୋଗ ଦେଇଥିଲେ। କଙ୍କଡ଼ାହାଡ଼ ଥାନା ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଥାନାଧିକାରୀ କଳ୍ପନା ବେହେରା ସୁରକ୍ଷା ଦେଇଥିଲେ। ଏହି ସାମାଜିକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ୨୭ରୁ ଛେଣ୍ଡିପଦା ମହୋତ୍ସବ

**ଛେଣ୍ଡିପଦା,୧୮।୧୨(ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଛେଣ୍ଡିପଦା ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଉପ ଜିଲାପାଳ ବରେଣ୍ୟେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ତହସିଲଦାର ମାନସ ରାୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସର୍ବସମ୍ମତିକ୍ରମେ ଆସନ୍ତା ୨୭, ୨୮ ଏବଂ ୨୯ ତାରିଖରେ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତ୍ୟେକ ଦିନ ଅପରାହ୍ନ ୪ଟାରୁ ଆରମ୍ଭ ହୋଇ ରାତି ସାଢେ ୯ଟାରେ ଶେଷ ହେବ। ବହୁ ଜନସାଧାରଣଙ୍କ ସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ ଓ ଶାନ୍ତିଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଇଛି।



# ଜୁଆ ଆଡ୍ଡାରେ ଚଢ଼ାଉ, ୭ ଗିରଫ

**ଅନୁଗୋଳ,୧୮।୧୨ (ଅମିତ କୁମାର ସାମଲ)**

ଅନୁଗୋଳ ଟାଉନ ଥାନା ପୋଲିସ ରବିବାର ରାତିରେ କୁକୁଡାଙ୍ଗ ହାଇସ୍କୁଲ ପଛପାର୍ଶ୍ୱ ଶାଗୁଆନ ବଣରେ ଚଢ଼ାଉ କରି ୭ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, କୁକୁଡାଙ୍ଗ ଗ୍ରାମର ଜଗନ୍ନାଥ ଡୁଙ୍ଗ, ଅଶ୍ୱିନୀ କୁମାର ସାହୁ, ତାପସ କୁମାର ସାହୁ, ସଂଗ୍ରାମ ସାହୁ, ସିପୁ ପ୍ରଧାନ, ଗୋପାଳପ୍ରସାଦ ଥାନା ସୋଲଡ଼ାର ଲକ୍ଷ୍ମଣ କୁମାର ସାହୁ ଓ ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା କୋକାଲୁଣ୍ଡାର ସୁରେଶ କୁମାର ସାମଲ। ପୋଲିସ ସେମାନଙ୍କ ଠାରୁ ୭୨ ହଜାର ଟଙ୍କା, ଗୋଟିଏ ବାଇକ, ଗୋଟିଏ ସ୍କୁଟି ସହିତ ୭ ମୋବାଇଲ ଜବତ କରିଥିବା ଥାନା ଅଧିକାରୀ ଧିରେସ କୁମାର ଦାସ ସୂଚନା ଦେଇଛନ୍ତି। ଏସ୍‌ଆଇ ଆଶିଷ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ଏହି ଚଢ଼ଉ କରିଥିଲା।

# ବଦଳିଲେ ୮ ଥାନା ଅଧିକାରୀ

**ଅନୁଗୋଳ,୧୮।୧୨(ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ପୋଲିସ ଇନ୍ସପେକ୍ଟର ସ୍ତରରେ ଅଦଳବଦଳ ହୋଇଛି। ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ହେଡ୍ କ୍ୱାର୍ଟରରେ ଥିବା ବ୍ରଜ ବିହାରୀ ସାମନ୍ତସିଂହାରଙ୍କୁ ପୁରୁଣାକୋଟ ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ସେହିଭଳି ବନ୍ତଳା ଥାନା ଅଧିକାରୀ ଭାବେ କାର୍ଯ୍ୟରତ ସନ୍ତୋଷ କୁମାର ସେଠୀଙ୍କୁ ଏନ୍‌ଟିପିସି ଥାନା, ଠାକୁରଗଡ଼ ଥାନା ଅଧିକାରୀ ନିର୍ମଳା ଗୋଛାୟତଙ୍କୁ ଜରପଡା ଥାନା, ଅନୁଗୋଳ ପୋଲିସ ହେଡକ୍ୱାର୍ଟରରେ ଥିବା ନଟବର ନନ୍ଦଙ୍କୁ ଠାକୁରଗଡ ଥାନା, ଜୟନ୍ତ କୁମାର ମହାନ୍ତିଙ୍କୁ ରେଙ୍ଗାଳି ଥାନା, ଅନୁଗୋଳ ଏସ୍‌ଡିପିଓ ଅଫିସରେ ଥିବା ଖଳେଶ୍ୱର ସେଠୀଙ୍କୁ ସାଇବର ଥାନା, କିଶୋରନଗର ଥାନା ଅଧିକାରୀ ସଙ୍ଗିତା ମହାପାତ୍ରଙ୍କୁ ବନ୍ତଳା ଥାନା, ସାଇବର ଥାନାରୁ ବିଭୂତି ପ୍ରଧାନଙ୍କୁ କିଶୋରନଗର ଥାନା, ଅନୁଗୋଳ ପୋଲିସ ହେଡକ୍ୱାର୍ଟରରୁ ଅନୁରାଧା ମାର୍ଥାଙ୍କୁ ଅନୁଗୋଳ ଟାଉନ ଥାନାର ଅତିରିକ୍ତ ଥାନା ଅଧିକାରୀ ଭାବେ ଓ ସରୋଜ କୁମାର ନାଏକଙ୍କୁ ଚାଇଁପାଳ ଫାଣ୍ଡି ଅଧିକାରୀ ଭାବେ ବଦଳି କରାଯାଇଛି।

# ୬୫୯ କୁଇଣ୍ଟାଲ ପିଡିଏସ୍ ଚାଉଳ ହଡ଼ପ

**ବଇଣ୍ଡା,୧୮।୧୨(ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଖଡରାମୁଣ୍ଡା ଗ୍ରାମର ଡିଲର ବୃନ୍ଦାବନ ପ୍ରଧାନ ୬୫୯ କୁଇଣ୍ଟାଲ ପିଡିଏସ ଚାଉଳ ହଡ଼ପ କରିଥିବା ସୋମବାର ଆଠମଲ୍ଲିକ ଯୋଗାଣ ଅଧିକାରୀ ଶିବରାମ ମିଶ୍ର ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୯୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, କୁରୁମଟାପ ଓ ସାନହୁଲା ଅଞ୍ଚଳର ଲୋକଙ୍କୁ ବୃନ୍ଦାବନ ୩ ମାସର ଚାଉଳ ବଣ୍ଟନ ନ କରି ହେରଫେର କରିଛନ୍ତି। ୧୦୩୨ ହିତାଧିକାରୀଙ୍କ ଚାଉଳକୁ ଅନ୍ୟତ୍ର ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି। ହିତାଧିକାରୀମାନେ ଏ ନେଇ ଅଭିଯୋଗ କରିଛନ୍ତି। ବିଭାଗ ପକ୍ଷରୁ ତଦନ୍ତ କରାଯିବା ପରେ ଡିଲର ବୃନ୍ଦାବନଙ୍କ ନାମରେ ଥାନାରେ ଅଭିଯୋଗ କରାଯାଇଛି।

# ଦୁର୍ଘଟଣାରେ ବୃଦ୍ଧ ମୃତ, ଉତ୍ତେଜନା

**ଢେଙ୍କାନାଳ,୧୮।୧୨(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ଥାନା କମନିଙ୍ଗିଗ୍ରାମ ରାସ୍ତାରେ ଏକ ମିନିଟ୍ରକ ଧକ୍କାରେ କୈଳାସ କାଞ୍ଜିଆ(୭୦)ଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତରମାନେ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଅଞ୍ଚଳବାସୀ ରାସ୍ତା ଅବରୋଧ କରିଥିଲେ। ବେଆଇନ ଖଣିରେ ପଥର ଚୋରା ଚାଲାଣ କରୁଥିବା ବେଳେ ଦ୍ରୁତ ଗତିରେ ଗ୍ରାମରାସ୍ତା ଗାଡି ଚଳାଚଳ କରୁଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଖବରପାଇ ସଦର ତହସିଲଦାର ସୁଧାଂଶୁ କୁମାର ସାଓ, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ଓ ସଦର ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ପହଞ୍ଚି ବୁଝାଶୁଝା କରିଥିଲେ। ପ୍ରଶାସନ ପକ୍ଷରୁ ରେଡକ୍ରସରୁ ସହାୟତା ଓ ପଥରଖଣି ମାଲିକଙ୍କ ପକ୍ଷରୁ ୩ଲକ୍ଷ ଟଙ୍କା ଦିଆଯିବା ପରେ ଅବରୋଧ ହଟିଥିଲା। ପୋଲିସ ଗାଡ଼ି ଚାଳକଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୧୦୩୧/୨୩ରେ ଏକ ମାମଲା ରୁଜୁ କରାଯାଇଛି।

# କ୍ରୀଡ଼ା ଦ୍ୱାରା ପରିଚୟ ପାଇପାରିବେ ଛାତ୍ରୀଛାତ୍ର



ରାଧାମାଧବ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ସଭାରେ ଅତିଥିମାନଙ୍କ ସହ ଛାତ୍ରୀଛାତ୍ରମାନେ।

**ବଇଣ୍ଡା,୧୮।୧୨(ଡି.ଏନ.ଏ.)**

କ୍ରୀଡ଼ା ଦ୍ୱାରା ଛାତ୍ରୀଛାତ୍ରମାନେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ। ଆଠମଲ୍ଲିକ ବ୍ଲକ ପାଇକସାହି ରାଧାମାଧବ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ସଭାରେ ଯୋଗ ଦେଇଥିବା ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ଏହି ପ୍ରତିଯୋଗିତାକୁ ପାଇକସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରାକେଶ କୁମାର ଜେନା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ବିଦ୍ୟାଳୟର ୪ ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ଶୁକଦେବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ପାଇକସାହି ସରପଞ୍ଚ ନିରୋଜ କାନ୍ତ ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଜିଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂ, ଅନ୍ୟତମ ଅତିଥି ଭାବେ ସିଦ୍ଧେଶ୍ୱର ନାୟକ ଉପସ୍ଥିତ ଥିଲେ। ସିନିୟର ବିଭାଗ ଛାତ୍ର ସଂଗ୍ରାମ ବଘାର, ଛାତ୍ରୀ ସୌଦାମିନୀ ସାହୁ, ଜୁନିୟର ବିଭାଗ ଛାତ୍ର କୌଳାସ ବେହେରା, ଛାତ୍ରୀ ଶୋଭା ବେହେରା ଚାମ୍ପିୟନ ହୋଇଥିଲେ। ଏହି କ୍ରୀଡ଼ାକୁ ଖେଳ ଶିକ୍ଷୟିତ୍ରୀ ମୋନାଲିସା ସାହୁ, ରେଣୁକା ମାଝି ପରିଚାଳନା କରିଥିଲେ। ଶିକ୍ଷକ ରୁଦ୍ର ପ୍ରସାଦ ମହାରଣା, ସୁଜିତ ଖାଡିଆ, ସୌରଭ ସରକାର, ପପୁ ରଞ୍ଜନ ସାହୁ ସହଯୋଗ କରିଥିଲେ।

